ସମ୍ବାଦ

## ଆଣ୍ଡାମାନ ନିକୋବରରେ କେନ୍ଦ୍ର ସାହିତ୍ୟ ଅକାଦେମିର କାର୍ଯ୍ୟକ୍ରମ

# ଅଖିଳ ଭାରତୀୟ ଲେଖକ ସମ୍ମିଳନୀରେ ଯୋଗଦେଲେ ଶୁଭଶ୍ରୀ ଲେଙ୍କା

ଭୁବନେଶ୍ୱର, ୧/୪(ଇମିସ): କେନ୍ଦ୍ର ସାହିତ୍ୟ ଅକାଦେମି ଓ ଆଣ୍ଡାମାନ ନିକୋବର ଦ୍ୱୀପ ପ୍ରଶାସନର ମିଳିତ ସହଯୋଗରେ ଗତ ମାର୍ଚ୍ଚ ୨୭ରୁ ୨୯ ତାରିଖ ପର୍ଯ୍ୟନ୍ତ ଶ୍ରୀବିଜୟପୁରମ୍ ପୋର୍ଟବ୍ଲେୟାରସ୍ଥିତ ଟାଗୋର ସରକାରୀ ମହାବିଦ୍ୟାଳୟର ପ୍ରେକ୍ଷାଳୟରେ 'କ୍ଷିତିଜ୍ ସେ ପରେ: ଅଖିଲ୍ ଭାରତୀୟ ଲେଖକ ସମ୍ମିଳନୀ' ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବକୁ ଆଣ୍ଡାମାନର ଲେଫ୍ଟନାଣ୍ଟ ଗଭର୍ଣ୍ଣର ଆଡମିରାଲ୍ ଡି.କେ ଯୋଶୀ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଶାସନ ସଚିବ ଚନ୍ଦ୍ର ଭୂଷଣ କୁମାର ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ। ସାହିତ୍ୟ ଅକାଦେମିର ସଚିବ କେ. ଶ୍ରୀନିବାସ ରାଓ ସମସ୍ତଙ୍କୁ ସ୍ୱାଗତ କରିଥିବା ବେଳେ କଳା ଓ ସଂସ୍କୃତି ବିଭାଗର ସଚିବ ଜ୍ୟୋତି କୁମାରୀ ଧନ୍ୟବାଦ ଦେଇଥିଲେ।

ଓଡ଼ିଶାରୁ କବି ଡ. ଶୁଭଶ୍ରୀ ଲେଙ୍କା ଏହି କାର୍ଯ୍ୟକ୍ରମରେ ପ୍ରତିନିଧିତ୍ୱ କରି 'କବିତା ଆତ୍ମାର ଦର୍ପଣ' ସମ୍ମାନରେ ନିଜର ହିନ୍ଦୀ ଅନୂଦିତ କବିତା ପାଠ କରିଥିଲେ। ଏହି କବିତାଗୁଡ଼ିକୁ ବିଶିଷ୍ଟ ଅନୁବାଦକ ଡ. ରାଜେନ୍ଦ୍ର ପ୍ରସାଦ ମିଶ୍ର ଅନୁବାଦ କରିଥିଲେ। ଡ. ଲେଙ୍କାଙ୍କୁ ମୁଖ୍ୟ ଶାସନ ସଚିବ ଚନ୍ଦ୍ରଭୂଷଣ କୁମାର ସମ୍ବର୍ଦ୍ଧିତ କରିଥିଲେ। ତିନିଦିନିଆ ଏହି ସାହିତ୍ୟ ଉତ୍ସବରେ କବିତାପାଠ, ଆଲୋଚନାଚକ୍ର,




ବହୁଭାଷୀ କବି ସମ୍ମିଳନୀ ଓ ସାହିତ୍ୟ ଅକାଦେମି ପକ୍ଷରୁ ଏକ ପୁସ୍ତକ ପ୍ରଦର୍ଶନୀ ମଧ୍ୟ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଭାରତର ବିଭିନ୍ନ ରାଜ୍ୟରୁ ଯୋଗଦେଇଥିବା ଲେଖକମାନଙ୍କୁ ଆଣ୍ଡାମାନ ନିକୋବର ପ୍ରଶାସନ ପକ୍ଷରୁ ଦ୍ୱୀପସ୍ଥିତ ବିଭିନ୍ନ ଦର୍ଶନୀୟ ସ୍ଥାନ, ସେଲୁଲାର ଜେଲ୍, ସାମୁଦ୍ରିକ ସଂଗ୍ରହାଳୟ, ସରକାରୀ କୁଟୀର ଶିଳ୍ପ ଉଦ୍ୟୋଗ ସାଗରିକା ପ୍ରଭୃତି ସ୍ଥାନ ଦେଖାଯାଇଥିଲା।